# Press Statement on reports about Pakistan transferring the management and maintenance of the Holy Gurudwara Kartarpur Sahib

November 05, 2020

## ପବିତ୍ର କରତାରପୁର ସାହିବ ଗୁରୁଦ୍ୱାରାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପାକିସ୍ତାନ ଦ୍ୱାରା ସ୍ଥାନାନ୍ତର କରିବା ଖବର ଉପରେ ପ୍ରେସ ବିବୃତ୍ତି

**ନଭେମ୍ବର** 05, 2020

ସଂଖ୍ୟାଲଘୁ ଶିଖ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ପାକିସ୍ତାନ ଶିଖ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସଜିପିସି) ଠାରୁ ପବିତ୍ର କରତାରପୁର ସାହିବ ଗୁରୁଦ୍ୱାରାର ପରିଚାଳନା ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଅଣ-ଶିଖ ସଂସ୍ଥା ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡର ପ୍ରଶାସନିକ ନିୟନ୍ତ୍ରଣକୁ ସ୍ଥାନାନ୍ତର କରିବା ଖବର ବିଷୟରେ ଆମେ ଅବଗତ ଅଛୁ।

ପାକିସ୍ତାନର ଏହି ଏକପକ୍ଷୀୟ ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ ଏବଂ କରତାରପୁର ସାହିବ କରିଡରର ଉଦ୍ଦେଶ୍ୟ ବିରୁଦ୍ଧରେ ତଥା ଶିଖ ସମ୍ପ୍ରଦାୟର ଧାର୍ମିକ ଭାବନା ବିରୁଦ୍ଧରେ ନିଆଯାଇଛି। ପାକିସ୍ତାନର ସଂଖ୍ୟାଲଘୁ ଶିଖ ସମ୍ପ୍ରଦାୟର ଅଧିକାରକୁ ଲକ୍ଷ୍ୟ ରଖି ପାକିସ୍ତାନର ଏହି ନିଷ୍ପତ୍ତିରେ ଗଭୀର ଉଦବେଗ ପ୍ରକାଶ କରି ଶିଖ ସମ୍ପ୍ରଦାୟଠାରୁ ଆମେ ଉପସ୍ଥାପନା ଗ୍ରହଣ କରିଛୁ। ଏହିପରି କାର୍ଯ୍ୟ କେବଳ ପାକିସ୍ତାନ ସରକାରଙ୍କ ବାସ୍ତବିକତା ଏବଂ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର ତଥା କଲ୍ୟାଣ ପାଇଁ ଏହି ଦେଶର ନେତୃତ୍ୱର ମିଥ୍ୟା ଦାବିକୁ ଉଜାଗର କରିଥାଏ। ସଂଖ୍ୟାଲଘୁ ଶିଖ ସମ୍ପ୍ରଦାୟକୁ ପବିତ୍ର କରତାରପୁର ସାହିବ ଗୁରୁଦ୍ୱାରାର କାର୍ଯ୍ୟ ପରିଚାଳନା କରିବାର ଅଧିକାରରୁ ବଞ୍ଚିତ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ପାକିସ୍ତାନକୁ କୁହାଯାଇଛି।

**ନୂଆଦିଲ୍ଲୀ**

**ନଭେମ୍ବର** 05, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.